**NEW PAPER:** Samaja

**DATE:** 04.03.2019

**PAGE:** 17

ସମାଜ
The Samaja

# ଏଏସ୍‌ବିଏମ୍‌ରେ ଉଦ୍ୟୋଗ ବିକାଶ କର୍ମଶାଳା

ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ପରିସରରେ ଏକ ତିନିଦିନିଆ ଉଦ୍ୟୋଗ




ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପମହାପ୍ରବନ୍ଧକ ୱାଇ.ଏନ୍. ଦ୍ୱିବେଦୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସେ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗର ବିକାଶ ଦିଗରେ ବାଧା ସୃଷ୍ଟି କରୁଥିବା ନାନା ପ୍ରତିବନ୍ଧକକୁ ଦୂର କରିବା ନିମିତ୍ତ କଠିନ ପରିଶ୍ରମ ଏବଂ ଗଭୀର ଅଧ୍ୟବ୍ୟବସାୟ ପାଇଁ ବକ୍ତବ୍ୟ ଛଳରେ ପରାମର୍ଶ ଦେଇଥିଲେ । ଏଥିରେ ଡ଼ିନ୍ ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ଭିଲାମାଟ ଡ଼ଟ୍ କମ୍ ସିଇଓ ଡ଼ଃ ରମେଶ ବିଶ୍ୱାଳ, ମେରିଏକ୍ସାମ ଡ଼ଟ୍ କମ ସିଇଓ ସୌରଭ ମହାପାତ୍ର,ଓରିପ୍ଲାଏ ଏମ୍‌ଡି ଯୋଶେଫ୍ ପ୍ରକାଶ, ସିନେଟ୍ ଆଇଟି ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡର ସିଇଓ ଅଭିଶେଷ ଶତପଥୀ ଏବଂ ଏଡୁଫ୍ଲିକ ସିଇଓ ରାହୁଲ ଆନନ୍ଦ ପ୍ରମୁଖ ଯୋଇଦେଇଥିଲେ ।